# Akashvani, Sambalpur

# SAMBALPURI NEWS MORNING BULLETIN

## 1 July 2026 - 6.47- 6.52 am.

---

ଭିବିଜିରାମଜୀ     ଏନ୍ଏସ୍ଡି

ବିକଶିତ ଭାରତ ନିଶ୍ଚିତ ରୋଜଗାର୍ ଆଉ ଆଜିବିକା ମିଶନ୍ ଗ୍ରାମୀଣ୍ ଆଇନ୍ -୨୦୨୫ ଆଏଜ୍ଠାନୁ ସାରା ଦେଶେ କାର୍ଯ୍ୟକାରୀ ହେବା । ଇ ଆଇନ୍ ଅଧୀନ୍ଥି ଗାଁ ଇଲାକାର୍ ସବୁ ଯୋଗ୍ୟ ହିତାଧିକାରୀମାନ୍କୁ ଫିଂ' ଦିନ କାମ୍ ଯୁଗେଇ ଦେବାର୍କେ ସର୍କାର୍ ପଦକ୍ଷେପ୍ ନଉଛନ୍ ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବ୍ରାଜ୍ ସିଂ ଚୌହାନ୍ କହିଛନ୍ । କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଲୟର୍ ସୂଚ୍ନା ଅନ୍ସାରେ ଭି.ବି.ଜି.ରାମଜୀ ଆଇନ୍ ଅଧୀନ୍ଥି ଫିଂ' ଆର୍ଥିକ୍ ବଛ୍ରେ ଶହେ ୨୫ ଦିନର୍ ନିଶ୍ଚିତ୍ କାମ୍ ଯୁଗେଇ ଦିଆଯିବାର୍ ବ୍ୟବସ୍ଥା ରହିଛେ । ଇ ସମିଆ ଭିତ୍ରେ କାମ୍ ନାଇଁ ଦିଆଗଲେ ଭତା ଦିଆଯିବା । ଇ ଆର୍ଥିକ୍ ବଛ୍ରେ ଇ

ଯୋଜନାର୍ କାର୍ଯ୍ୟାନ୍ୱୟନ୍ ଲାଗି ୯୫ ହଜାର୍ ୬ ଶହ ୯୨ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ ।

ଦ୍ରବ୍ୟ ଆଉ ସେବାକର ଆର୍ଏନ୍ୟୁ/ କଟକ୍

ଦ୍ରବ୍ୟ ଆଉ ସେବାକର ଆଇନ୍ ଅଧୀନ୍‌ଥି ଅପିଲ୍ ଦାଖଲ୍ କର୍‌ବାର୍ ସମିଆକେ ସର୍‌କାର୍ ବଢ଼େଇଛନ୍ । ଆପେଲାଟ୍ ଟ୍ରିବ୍ୟୁନାଲ୍‌ଥି ଆଏବା ମାସ ୩୧ ତାରିଖ୍‌ତକ୍ ଇ ବାବଦ୍ ଆବେଦନ୍ ଦାଖଲ୍ କରାଯାଇପାର୍‌ବା । ଆଘୋନୁ ଇଥିର୍‌ଲାଗି ଶେଷ୍ ତାରିଖ୍ ଆଝିର୍ ଦିନ୍‌କେ ଧାରିଜ୍ କରାଯାଇଥିଲା । ଟ୍ରିବ୍ୟୁନାଲ୍ ପୋର୍ଟାଲ୍‌ଥି ବଢୁଥିବା ଆବେଦନ୍‌କେ ନଜର୍‌ଥି ରଖିକରି ସର୍‌କାର୍ ଇ ପଦକ୍ଷେପ୍ ନେଇଥିବାର୍ ଜନାପଡ଼ିଛେ ।

ଡାଲୁଆ ଧାନ ସଂଗ୍ରହ ହି.ସ.

ରାଏଜେ ଡାଲୁଆ ଧାନ୍ ଘିନା ସମିଆକେ ଆଏବା ଶୁକ୍ରବାର୍‌ତକ୍ ବଢ଼ାଯାଇଛେ ବଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଚଲ୍ତି ବଛର୍ ସର୍କାର୍ ୨୦ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍ବାର୍ ଲକ୍ଷ୍ୟ ଧାରିଜ୍ କରିଥିଲେ । ଇହାଦେତକ୍ ୧୮ ଲାଖ୍ ୭୯ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନା ସରିଛେ । ୫ ଟା ଜିଲ୍ଲା ନ ଧାନ୍ ଘିନା ନାଇଁ ହେଇଥିବାର୍ନୁ ଇ ସମିଆକେ ବଢ଼ାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

୨ ନମ୍ବର୍ ଖେପ୍ ଜନଗଣନା ଆର୍ଏନ୍ୟୁ/ ସମ୍ବଲପୁର

୨୦୨୭ ମସିହା ଫେବୃଆରୀ ମାସ୍ନୁ ୨ ନମ୍ବର୍ ଖେପ୍ ଜନଗଣନା ମୁଲ୍ ହେବା । ଇଥିର୍ଲାଗି ପ୍ରସ୍ତୁତି ମୁଲ୍ ହେଇସାରିଛେ । ଆଏଜ୍ଠାନୁ ୨୦ ଦିନିଆ ପ୍ରି-ଟେଷ୍ଟ୍ କରାଯିବା । ୧୦ ନୁ ୧୫ ହଜାର୍ ଲୁକ୍କୁ ନେଇକରି ଇ ପ୍ରି-ଟେଷ୍ଟ୍ କରାଯିବା । ତାର୍ ଉତ୍ରୁ ୨ ନମ୍ବର୍ ଖେପ୍ ଲାଗି ଅଗଷ୍ଟ୍ନୁ ଅକ୍ଟୋବର୍ ମାସ୍ତକ୍ ପ୍ରଶିକ୍ଷଣ୍ ଦିଆଯିବା । ଇଥିର୍ଲାଗି ଅଏତ୍କା ଶିକ୍ଷକ୍ ନିୟୋଜିତ୍ ହେବେ ବଲି ଜନଗଣନା ନିର୍ଦ୍ଦେଶକ୍ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ ସୂଚ୍ନା ଦେଇଛନ୍ ।

ମେଟ୍ରିକ୍ ସପ୍ଲିମେଂଟାରୀ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ମିକ୍ ଶିକ୍ଷା ପରିଷଦ ତର୍ଫୁ ଆଏବା କାଏଲ୍ଠାନୁ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା -୨୦୨୬ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ମୁଲ୍ ହେବା । ଇ ପରୀକ୍ଷା ୧୦ ତାରିଖ୍ତକ୍ ଚାଲ୍ବା । ଦୁହି ପରୀକ୍ଷା ଲାଗି ମୋଟ୍ ୨୪ ହଜାର୍ ୪ ଶହ ୭୦ ଝନ୍ ପରୀକ୍ଷାର୍ଥୀ ଫର୍ମ ଭରିଥିବାର୍ ବେଲେ ୨ ଶହ ୫୧ ଟା ପରୀକ୍ଷା କେନ୍ଦ୍ର ନ ପରୀକ୍ଷା ହେବା । ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍ବା । ଖାଲି ଗଣିତ ପରୀକ୍ଷାର୍ ଲାଗି ଅଏତ୍କା ୧୫ ମିନିଟ୍ ସମିଆ ଦିଆଯିବା । ପରୀକ୍ଷା କେନ୍ଦ୍ରକେ ସ୍ୱଚ୍ଛ ଆଉ ଶୃଙ୍ଖଳିତ୍ କର୍ବାର୍ ଲାଗି ସବୁ ପରୀକ୍ଷା କେନ୍ଦ୍ର ନ ସିସିଟିଭି କେମ୍ରା ବ୍ୟବସ୍ଥା କରାଯାଇଛେ ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍ନା ଦେଇଛନ୍ ।

ନର୍ସିଂ କଲେଜ୍       ଆର୍ଏନ୍ୟୁ/ ସମ୍ବଲପୁର

ବଲାଙ୍ଗିର୍, ତାଲ୍‌ଚେର୍, ଯାଜ୍‌ପୁର୍, ବାଲେଶ୍ୱର୍, ବାରିପଦା, ପୁରୀ ଆଉ କୋରାପୁଟ୍ ମେଡ଼ିକାଲ୍ କଲେଜ୍ ପରିସର୍ ନ ନୂଆଁ ନର୍ସିଂ କଲେଜ୍ ଖୁଲ୍‌ବା । ବାରିପଦାକେ ଛାଡ଼ିକରି ଅଲ୍‌ଗା ୬ ଟା ଯାକ ମେଡ଼ିକାଲ୍ କଲେଜ୍ ପରିସର୍ ନ ନର୍ସିଂ କଲେଜ୍ ଲାଗି ଜାଗା ଚିହ୍ନଟ୍ ପ୍ରକ୍ରିୟା ଶେଷ୍ ହେଇଛେ । ତାଲ୍‌ଚେର୍ ଆଉ ବଲାଙ୍ଗିର୍ ମେଡ଼ିକାଲ୍ କଲେଜ୍ ନ ନୂଆଁ ନର୍ସିଂ କଲେଜ୍ ଥାପ୍‌ନା ଲାଗି ଅନୁମତି ମିଲିସାରିଛେ । ଇ ଦୁହି ଜାଗା ନ କଲେଜ୍ ଥାପ୍‌ନା ଲାଗି ଅଟକଲ ତିଆର୍ ହେଇକରି ବିଭାଗୀୟ ମଞ୍ଜୁରୀ ଭିଲ୍ ମିଲିସାରିଛେ । କେନ୍ଦ୍ର ସର୍‌କାର୍ ଫି' ନର୍ସିଂ କଲେଜ୍ ଲାଗି ବଜେଟ୍‌ଥି ୬ କୋଟି ଟଙ୍କା ରଖିଛନ୍ । ଇତାର୍‌ସହେତେ ରାଜ୍ୟ ସର୍‌କାର୍ ୪ କୋଟି ଟଙ୍କା ଦେବେ । ତାର୍ ବାଦ୍ ଅଏତ୍‌କା ଖର୍ଚ୍ଚା ହେଲେ ସେତାକେ ରାଜ୍ୟ ସର୍‌କାର୍ ବହନ୍ କର୍‌ବେ ବଲି ନିଷ୍ପତି ହେଇଥିବାର୍ ସୂଚ୍‌ନା ମିଲିଛେ । ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ନୂଆଁ ନର୍ସିଂ କଲେଜ୍ ଖୁଲ୍‌ଲେ ଆଦିବାସୀ ଆଉ ଅପହଂଚ ଇଲାକାର୍ ଛାତ୍ରଛାତ୍ରୀମାନେ ନର୍ସିଂ ଶିକ୍ଷା ପାଇପାର୍‌ବେ ।

ଜାତୀୟ ଡାକ୍ତର୍ /ସି.ଏ. ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଡାକ୍ତର୍‌ମାନ୍‌କର୍ ସମାଜ୍ ନ ଲୁକ୍‌କର୍ ଲାଗି ସେବା ଆର୍ ତ୍ୟାଗ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଡାକ୍ତର୍ ଦିବସ୍ । ୧୯୯୧ ମସିହା ଜୁଲାଇ ୧ ତାରିଖ୍‌ନୁ ପଶ୍ଚିମବଙ୍ଗର୍ ନାଁକରା ଡାକ୍ତର୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଧାନ୍ ଚନ୍ଦ୍ର ରୟଙ୍କର୍ ଜନମ୍ ଦିନ୍‌କେ ଜାତୀୟ ଡାକ୍ତରୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ମାସ୍କ ଭିତ୍‌ରେ ରହିକରି ନିରନ୍ତର୍ ଲୁକ୍‌କର୍ ସେବା କରୁଥିବା ଡାକ୍ତର୍‌ମାନ୍‌କର୍ ଯତନ୍ ଲାଗି ଇ ବଛର୍ ଡାକ୍ତର୍ ଦିବସ୍‌ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ ।

ସେନ୍ତା ଦେଶର୍ ଅର୍ଥନୀତିର୍ ସୁରକ୍ଷା ଦିଗେ ମାର୍ଗଦର୍ଶନ୍ ଦଉଥିବା ଚାଟାର୍ଡ ଏକାଉଂଟେଂଟ୍ ମାନ୍‌କର୍ ସମ୍ମାନ୍ ଲାଗି ଆଏଜ୍ ଜାତୀୟ ଚାଟାର୍ଡ ଏକାଉଂଟେଂଟ୍ ଦିବସ୍ ପାଲନ୍ କରାଯାଉଛେ । ୧୯୪୯ ମସିହାଠାନୁ ଭାରତୀୟ ଚାଟାର୍ଡ ଏକାଉଂଟେଂଟ୍ ପ୍ରତିଷ୍ଠାନ୍ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଉଛେ ।

ଆଇଆଇଏମ୍‌ସି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବା ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ- ଭୁବ୍‌ନେଶ୍ୱର୍, ଆକାଶ୍‌ବାଣୀ କାର୍ଯ୍ୟାଳୟ ସମ୍ବଲ୍‌ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍‌ସି ଢେଙ୍କାନାଲ୍ ପରିସର୍ ନ ସ୍ପଟ୍ ଏଡ୍‌ମିଶନ୍ ଆଉ ସାକ୍ଷାତ୍‌କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଉତର୍ ବଙ୍ଗୋପ୍‌ସାଗର୍ ପାଖର୍ ଦକ୍ଷିଣ ବାଂଲାଦେଶ୍ ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଆଏବା ଶୁକ୍ରବାର୍‌ତକ୍ ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ ।

ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର  ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।